# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 July - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ସମ୍ବିଧାନ ସରକାରଙ୍କ ମାର୍ଗଦର୍ଶନ କରିବାର ଏକ ବତିଘର କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ରାଜ୍ୟସଭାକୁ ମୁଲତବୀ ଘୋଷଣା କଲେ ଉପରାଷ୍ଟ୍ରପତି ତଥା ଅଧ୍ୟକ୍ଷ ଜଗଦୀପ ଧନଖଡ
- ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ସମ୍ପୂର୍ଣ୍ଣ ସୁସ୍ଥ ହେବା ସମ୍ବାଦ ଦଇତାପତି ସେବକମାନେ ଶ୍ରୀନଅର ଯାଇ ଗଜପତି ମହାରାଜଙ୍କୁ ଦେଲେ ସୂଚନା

ଏବଂ

- ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଥିବାରୁ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ସମ୍ଭାବନା

## ପାର୍ଲାମେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସମ୍ବିଧାନ କେବଳ କିଛି ଧାରାର ସଂକଳନ ନୁହେଁ, ବରଂ ଏହାର ଆଭିମୁଖ୍ୟ ଏବଂ ସେଥିରେ ଉଲ୍ଲିଖିତ ଶବ୍ଦ ସରକାରଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ। ରାଜ୍ୟସଭାରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ଚାଲିଥିବା ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଅଂଶ ଗ୍ରହଣ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ସେ କହିଛନ୍ତି, ସମ୍ବିଧାନ ହେଉଛି ସରକାରଙ୍କୁ ମାର୍ଗଦର୍ଶନ କରିବାର ଏକ ବତୀଘର। ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଅବଦାନକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ସମ୍ବିଧାନ ଏବେ ୭୫ ବର୍ଷରେ ପଦାର୍ପଣ କରୁଛି। ସେ କହିଛନ୍ତି, ଏନ୍‌ଡିଏ ସରକାରଙ୍କର ତୃତୀୟ ପାଳିରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ବହୁ କଲ୍ୟାଣମୂଳକ ପଦକ୍ଷେପ ନିଆଯାଉଛି। ଏହି ପାଳିରେ ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ଆଗାମୀ ୫ ବର୍ଷ ମଧ୍ୟରେ ଦେଶରେ ପରିବହନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିବ। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାରେ ୧୦ କୋଟିରୁ ଅଧିକ କୃଷକ ଉପକୃତ ହୋଇଛନ୍ତି ବୋଲି ସେ କହିଛନ୍ତି।

## ଗୃହ ମୁଲତବୀ

ରାଜ୍ୟସଭାର ଅଧିବେଶନକୁ ଉପରାଷ୍ଟ୍ରପତି ତଥା ଗୃହର ଅଧ୍ୟକ୍ଷ ଜଗଦୀପ ଧନଖଡ ଆଜି ମୁଲତବୀ ଘୋଷଣା କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ

ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ପରେ ଅଧ୍ୟକ୍ଷ ଶ୍ରୀ ଧନଖଡ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

# ଲୋକସଭା ଅଧିବେଶନ

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଗତକାଲି ଶେଷ ହୋଇଛି । ସଂସଦର ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ପାରିତ ହେବା ପରେ ଗୃହକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ବାଚସ୍ପତି ଓମ୍ ବିର୍ଲା ମୁଲତବୀ ରଖିଛନ୍ତି। ବାଚସ୍ପତି କହିଛନ୍ତି, ଗତ ଜୁନ୍‌ମାସ ୨୪ ତାରିଖରୁ ଲୋକସଭା ଅଧିବେଶନ ଆରମ୍ଭ ହୋଇଥିଲା । ଅଧିବେଶନରେ ୩୪ ଘଣ୍ଟା ଧରି ୭ଟି ବୈଠକ ଚାଲିଥିଲା । ପ୍ରଥମ ଦୁଇଦିନରେ ୫୩୯ ଜଣ ସଦସ୍ୟ ଶପଥ ଗ୍ରହଣ କରିଥିଲେ । ସୂଚନା ଅନୁସାରେ, ଗତ ଜୁନ୍ ମାସ ୨୬ ତାରିଖରେ ବାଚସ୍ପତି ନିର୍ବାଚନ ହୋଇଥିଲା ଏବଂ ୨୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମିଳିତ ଅଧିବେଶନରେ ଅଭିଭାଷଣ ପ୍ରଦାନ କରିଥିଲେ ।

# ରାଜପ୍ରାସାଦ ବିଜେ

ପୁରୀ ଶ୍ରୀମନ୍ଦିରରେ ଆଜି  ଦ୍ୱାଦଶୀ ତିଥିରେ ଶ୍ରୀଜୀଉମାନଙ୍କର ରାଜପ୍ରାସାଦ ବିଜେ ନୀତି ଅନୁଷ୍ଠିତ ହେଉଛି । ଶ୍ରୀମନ୍ଦିରରେ ସକାଳ ଧୂପ ନୀତି ସରିବା ପରେ ଜୟ-ବିଜୟ ଦ୍ୱାର ବନ୍ଦ କରାଯାଇ ବେହରଣ ଦ୍ୱାର ଫିଟାଯିବା ସହ ଶ୍ରୀମନ୍ଦିରରୁ ଶ୍ରୀନଅରକୁ ରାଜାପ୍ରାସାଦ ବିଜେ କରାଯିବ । ଗତକାଲି ଏକାଦଶୀ ତିଥିରେ ମହାପ୍ରଭୁଙ୍କୁ ଖଳିଲାଗି ଓ ରକ୍ତବସ୍ତ୍ର ଲାଗି ସହ

ବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ଔଷଧ ଲାଗି କରାଯାଇଥିଲା । ମହାପ୍ରଭୁ ସଂପୂର୍ଣ୍ଣ ସୁସ୍ଥ ହୋଇଥିବାରୁ ଦଇତାପତି ସେବକମାନେ ଶ୍ରୀନଅର ଯାଇ ଗଜପତି ମହାରାଜାଙ୍କୁ ଏହି ଖବର ପ୍ରଦାନ କରିବାର ପରମ୍ପରା ରହିଛି । ଏହି ଅବସରରେ ଦଇତାପତିମାନେ ଅନବସରରେ ବାହାରିଥିବା କରାଳ, ଚନ୍ଦନ ଓ ପାଟବସ୍ତ୍ରକୁ ଗଜପତି ମହାରାଜାଙ୍କୁ ପ୍ରଦାନ କରିବେ।

## ତାରିଣୀ ମନ୍ଦିର ରୂପାନ୍ତରୀକରଣ

**କେନ୍ଦୁଝର** ଜିଲ୍ଲା ଘଟଗାଁର ମା’ ତାରିଣୀ ମନ୍ଦିରର ରୂପାନ୍ତରୀକରଣ ପାଇଁ ବିଭିନ୍ନ ପାର୍ଶ୍ୱରେ ଥିବା ସ୍ଥାନର ସର୍ଭେ କାର୍ଯ୍ୟ ଚାଲିଛି। କେଉଁ ପାର୍ଶ୍ୱରେ ଦୋକାନ ଘର, ବିଶ୍ରାମସ୍ଥଳୀ, ପାର୍କିଂ, ରାସ୍ତା ଆଦି ରହିବ ସେ ନେଇ ସର୍ଭେ ଚାଲିଛି।

ସୂଚନାଯୋଗ୍ୟ, ଗତ ଜୁନ୍ ମାସ ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା’ ତାରିଣୀଙ୍କ ମନ୍ଦିର ପରିଦର୍ଶନ କରିବା ଅବସରରେ ୫୦ କୋଟି ଟଙ୍କା ଅର୍ଥରାଶି ଘୋଷଣା କରିଥିଲେ।

# ବ୍ୟକ୍ତିଗତ ସଚିବ ନିଯୁକ୍ତ

ରାଜ୍ୟ ସରକାର ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କର ବ୍ୟକ୍ତିଗତ ସଚିବ ନିଯୁକ୍ତ କରିଛନ୍ତି । ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ, ବିଡିଏର ଯୁଗ୍ମ କମିଶନର ବିଶ୍ୱରଂଜନ ରଥଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। କୃଷି ବିଭାଗର ଅତିରିକ୍ତ ସଚିବ ପ୍ରଦୀପ କୁମାର ସାହୁଙ୍କୁ ରାଜସ୍ୱ

ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ମିଳିଛି। ଭୁବନେଶ୍ୱର ଉପଜିଲ୍ଲାପାଳ ମହେନ୍ଦ୍ର ପଣ୍ଡା ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ପାଇଛନ୍ତି ।

ସେହିପରି ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ଗଡ଼ନାୟକଙ୍କୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବ୍ୟକ୍ତିଗତ ସଚିବ, ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ବ୍ୟକ୍ତିଗତ ସଚିବ ଏବଂ ଗଞ୍ଜାମ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ମିଳିଛି। ସେହିପରି ଓସ୍‌ଡମା ଜେନେରାଲ ମ୍ୟାନେଜର ସମ୍ପଦ କୁମାର ଦଳାଇଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବ୍ୟକ୍ତିଗତ ସଚିବ ଭାବେ କାମ କରିବେ।

## ନିଯୁକ୍ତିପତ୍ର ବଣ୍ଟନ

ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାର ନବନିଯୁକ୍ତ କନିଷ୍ଠ ସହାୟକ ଶିକ୍ଷକମାନଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଗଞ୍ଜାମ ଜିଲ୍ଲାର ୧୬୯ ଜଣ ନବ ନିଯୁକ୍ତ କନିଷ୍ଠ ସହାୟକ ଶିକ୍ଷକମାନଙ୍କୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି।

କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅପରାଧିକ ଆଇନ୍

କେନ୍ଦୁଝର ଜିଲ୍ଲା କାରାଗାରରେ ନୂଆ ଅପରାଧିକ ଆଇନ୍‌ର କାର୍ଯ୍ୟକାରୀତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାରାଗାର ଅଧିକ୍ଷକ ସତ୍ୟପ୍ରକାଶ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବୀ ଚତୁର୍ଭୁଜ ହୋତା ଯୋଗଦେଇ ଦେଶରେ ଲାଗୁ ହୋଇଥିବା ୩ଟି ନୂଆ ଅପରାଧିକ ଆଇନ୍ ସମ୍ପର୍କରେ ଆଲୋକପାତ କରିଥିଲେ। ସଚେତନତା ଶିବିରରେ ୫୬୮ ଜଣ ଜେଲ୍ ଅନ୍ତେବାସୀ ଭାଗ ନେଇଥିଲେ।

ସୂଚନାଯୋଗ୍ୟ, ଚଳିତମାସ ପହିଲାରୁ ଦେଶରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଲାଗୁ କରାଯାଇଛି।

## ମକ୍କା ବିହନ ବଣ୍ଟନ

ଆକାଂକ୍ଷୀ ଜିଲ୍ଲା **ନବରଙ୍ଗପୁର**ରେ କୃଷିକ୍ଷେତ୍ରରେ ବୈଜ୍ଞାନିକ ଜ୍ଞାନକୌଶଳର ଉପଯୋଗ ପାଇଁ ଭୁବନେଶ୍ୱରସ୍ଥିତ ଜୀବବିଜ୍ଞାନ ସଂସ୍ଥାନ

ପକ୍ଷରୁ ଡିବିଟି ବାୟୋଟେକ୍ କିଶାନ୍ କାର୍ଯ୍ୟକ୍ରମରେ ଉନ୍ନତ କିସମ ପ୍ରୋଟିନ୍ ଯୁକ୍ତ ମକା ବିହନ ଚାଷୀଙ୍କୁ ବଣ୍ଟନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ଜିଲ୍ଲାର ୧୨ ଜଣ ଚାଷୀଙ୍କୁ ବିହନ ଯୋଗାଇ ଦେଇଛନ୍ତି। ସୂଚନାଯୋଗ୍ୟ, ନବରଙ୍ଗପୁର ଜିଲ୍ଲାର ପ୍ରାୟ ୬୦ ହଜାର ହେକ୍ଟର ଜମିରେ ମକା ଚାଷ କରାଯାଉଛି।

## ପୋଖରୀ ପୁନରୁଦ୍ଧାର

ଗଞ୍ଜାମ ଜିଲ୍ଲାରେ ଅମୃତ ଯୋଜନାରେ ସହରାଞ୍ଚଳର ପୋଖରୀଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଅର୍ଦ୍ଧାଧିକ ପୋଖରୀର କାର୍ଯ୍ୟ ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଶେଷ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷରେ  ସ୍ୱଚ୍ଛ ସର୍ବେକ୍ଷଣ, ପୋଖରୀ ପୁନରୁଦ୍ଧାର, ସ୍ୱଚ୍ଛ ସହରୀକରଣ ଏବଂ ସହରାଞ୍ଚଳର ସାମଗ୍ରିକ ବିକାଶ ପାଇଁ ଗତକାଲି ହୋଇଥିବା ବୈଠକରେ ଏଭଳି ନିଷ୍ପତ୍ତି ହୋଇଛି।

## ଇଗ୍ନୋ-ନାମଲେଖା

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ-ଇଗ୍ନୋର ନାମଲେଖା ଅବଧି ଆସନ୍ତା ୧୫ ତାରିଖକୁ ବୃଦ୍ଧି କରାଯାଇଛି। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡୁଥିବା କିମ୍ବା ଶିକ୍ଷା ପାଇବାରୁ ବଞ୍ଚିତ ଛାତ୍ରଛାତ୍ରୀ ବା ବ୍ୟକ୍ତିବିଶେଷ ସମସ୍ତ

ବିଭାଗରେ ଅଣ୍ଡରଗ୍ରାଜୁଏଟ୍, ପୋଷ୍ଟ ଗ୍ରାଜୁଏଟ୍, ପିଜି ଡିପ୍ଲୋମା ଏବଂ ସାର୍ଟିଫିକେଟ୍ ପ୍ରୋଗ୍ରାମ୍‌ରେ ନାମ ଲେଖାଇପାରିବେ।

ସୂଚନାଯୋଗ୍ୟ, କଳା, ବିଜ୍ଞାନ, ବାଣିଜ୍ୟର ସ୍ନାତକ ବିଭାଗରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନସୂଚିତ ଜାତି ଓ ଜନଜାତି ବିଦ୍ୟାର୍ଥୀଙ୍କ ପାଇଁ ନାମଲେଖା ଦେୟ ଓ ପୁନଃ ନାମଲେଖା ଦେୟ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି। ତେବେ ଯେଉଁ ଛାତ୍ରଛାତ୍ରୀ ଅନ୍ୟ କୌଣସି ରିହାତିର ସୁବିଧା ପାଉଥିବେ ସେମାନଙ୍କ ପାଇଁ ଇଗ୍ନୋର ରିହାତି ଉପଲବ୍ଧ ହୋଇପାରିବ ନାହିଁ। ଇଚ୍ଛୁକ ଛାତ୍ରଛାତ୍ରୀ ଇଗ୍ନୋ ୱେବ୍‌ସାଇଟ୍‌ରୁ ସବିଶେଷ ତଥ୍ୟ ପାଇପାରିବେ।

## ମୌସୁମୀବାୟୁ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସମଗ୍ର ଦେଶକୁ ଛୁଇଁଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଳିତବର୍ଷ ମୌସୁମୀବାୟୁ ଧାର୍ଯ୍ୟ ସମୟର ୬ ଦିନ ପୂର୍ବରୁ  ସମଗ୍ର ଦେଶକୁ ଛୁଇଁଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ୮ ତାରିଖ ସୁଦ୍ଧା ମୌସୁମୀବାୟୁ ସମଗ୍ର ଦେଶକୁ ଛୁଇଁବାର ଅନୁମାନ କରାଯାଇଥିଲା। ଶେଷ ପର୍ଯ୍ୟାୟରେ ମୌସୁମୀବାୟୁ ଗତକାଲି ରାଜସ୍ଥାନ, ହରିୟାଣା ଏବଂ ପଞ୍ଜାବରେ ପହଞ୍ଚିଛି। ସୂଚନାଯୋଗ୍ୟ, ଚଳିତବର୍ଷ ମଇ ମାସ ୩୦ ତାରିଖରେ ମୌସୁମୀବାୟୁ କେରଳ ତଟ ଛୁଇଁଥିଲା। ସ୍ୱାଭାବିକ ସମୟଠାରୁ ୨ ରୁ ୬ ଦିନ ପୂର୍ବରୁ ମୌସୁମୀବାୟୁ ଦେଶରେ ପ୍ରବେଶ କରିଥିଲା।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ୮ ତାରିଖ ବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି ।

ଅପରପକ୍ଷରେ ଜୁନ୍ ପହିଲାରୁ ଗତକାଲି ପର୍ଯ୍ୟନ୍ତ ରାଜ୍ୟରେ ୧୬୮ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଏହା ସ୍ୱାଭାବିକ ବର୍ଷାଠାରୁ ୨୭ ପ୍ରତିଶତ କମ୍ ରହିଛି । ରାଜ୍ୟର ୧୧ଟି ଜିଲ୍ଲାରେ ସ୍ୱଭାବିକ ବର୍ଷା ହୋଇଥିବାବେଳେ ୧୭ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

**********************************